# ସଂଯୁକ୍ତ ଆରବ ଏମିରେଟ୍ସକୁ ପ୍ରଧାନମନ୍ତ୍ରୀଙ୍କ ଗସ୍ତ (ଫେବୃଆରୀ 13-14, 2024)

ଫେବୃଆରୀ 10, 2024

ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ 13 ରୁ 14 ଫେବୃଆରୀ 2024 ପର୍ଯ୍ୟନ୍ତ ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ)କୁ ଏକ ସରକାରୀ ଗସ୍ତରେ ଯିବେ ।

2. 2015 ପରଠାରୁ ପ୍ରଧାନମନ୍ତ୍ରୀ ମୋଦୀଙ୍କ ଏହା ସପ୍ତମ ୟୁଏଇ ଗସ୍ତ ଏବଂ ଗତ 8 ମାସ ମଧ୍ୟରେ ତୃତୀୟ ଗସ୍ତ । ଏହି ଗସ୍ତ ସମୟରେ ପ୍ରଧାନମନ୍ତ୍ରୀ ୟୁଏଇର ରାଷ୍ଟ୍ରପତି ଶେଖ୍ ମହମ୍ମଦ ବିନ୍ ଜାଏଦ ଅଲ୍ ନାହୟାନଙ୍କ ସହ ଦ୍ୱିପାକ୍ଷିକ ବୈଠକ କରିବେ । ଦୁଇ ନେତା ଦୁଇ ଦେଶ ମଧ୍ୟରେ ରଣନୈତିକ ଭାଗିଦାରୀକୁ ଆହୁରି ଗଭୀର, ସମ୍ପ୍ରସାରଣ ଓ ସୁଦୃଢ଼ କରିବା ଉପରେ ଆଲୋଚନା କରିବେ ଏବଂ ପାରସ୍ପରିକ ସ୍ୱାର୍ଥସମ୍ପନ୍ନ ଆଞ୍ଚଳିକ ଏବଂ ଅନ୍ତର୍ଜାତୀୟ ପ୍ରସଙ୍ଗ ଉପରେ ମତର ଆଦାନପ୍ରଦାନ କରିବେ ।

3. ପ୍ରଧାନମନ୍ତ୍ରୀ ୟୁଏଇର ଉପରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ ଏବଂ ପ୍ରତିରକ୍ଷା ମନ୍ତ୍ରୀ ଶେଖ୍ ମହମ୍ମଦ ବିନ୍ ରସିଦ ଅଲ୍ ମକ୍ତୁମଙ୍କ ସହ ମଧ୍ୟ ସାକ୍ଷାତ କରିବେ । ତାଙ୍କ ନିମନ୍ତ୍ରଣକ୍ରମେ ପ୍ରଧାନମନ୍ତ୍ରୀ ଦୁବାଇରେ ଆୟୋଜିତ ହେବାକୁ ଥିବା ବିଶ୍ୱ ସରକାର ଶିଖର ସମ୍ମିଳନୀ 2024ରେ ସମ୍ମାନିତ ଅତିଥି ଭାବରେ ଯୋଗ ଦେବେ ଏବଂ ଶିଖର ସମ୍ମିଳନୀରେ ଏକ ସ୍ୱତନ୍ତ୍ର ମୁଖ୍ୟ ଭାଷଣ ପ୍ରଦାନ କରିବେ ।

4. ପ୍ରଧାନମନ୍ତ୍ରୀ ଆବୁଧାବିର ପ୍ରଥମ ହିନ୍ଦୁ ମନ୍ଦିର ବିଏପିଏସ ମନ୍ଦିରକୁ ଉଦଘାଟନ କରିବେ । ଆବୁଧାବିର ଜାଏଦ ସ୍ପୋର୍ଟସ ସହରରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ସେ ୟୁଏଇରେ ଥିବା ଭାରତୀୟ ସମୁଦାୟଙ୍କୁ ସମ୍ବୋଧିତ କରିବେ ।

5. ଭାରତ ଏବଂ ୟୁଏଇ ମଧ୍ୟରେ ସୁଦୃଢ଼ ରାଜନୈତିକ, ସାଂସ୍କୃତିକ ଏବଂ ଅର୍ଥନୈତିକ ସମ୍ପର୍କ ଆଧାରରେ ସୌହାର୍ଦ୍ଦ୍ୟପୂର୍ଣ୍ଣ, ଘନିଷ୍ଠ ଏବଂ ବହୁମୁଖୀ ସମ୍ପର୍କ ରହିଛି । ଅଗଷ୍ଟ 2015ରେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ୟୁଏଇ ଗସ୍ତ ପରେ ଦୁଇ ଦେଶ ମଧ୍ୟରେ ଦ୍ୱିପାକ୍ଷିକ ସମ୍ପର୍କଏକ ବ୍ୟାପକ ରଣନୈତିକ ଭାଗିଦାରୀରେ ପରିଣତ ହୋଇଛି । ସୀମାପାର କାରବାର ପାଇଁ ଭାରତୀୟ ଟଙ୍କା ଏବଂ ଏଇଡିର ବ୍ୟବହାରକୁ ପ୍ରୋତ୍ସାହିତ କରିବା ପାଇଁ ଉଭୟ ଦେଶ ଫେବୃଆରୀ 2022ରେ ଏକ ବ୍ୟାପକ ଅର୍ଥନୈତିକ ଭାଗିଦାରୀ ଚୁକ୍ତି (ସିଇପିଏ) ଏବଂ ଜୁଲାଇ 2023ରେ ଏକ ସ୍ଥାନୀୟ ମୁଦ୍ରା ବନ୍ଦୋବସ୍ତ (ଏଲସିଏସ) ବ୍ୟବସ୍ଥା ସ୍ୱାକ୍ଷର କରିଥିଲେ ।

6. 2022-23ରେ ପ୍ରାୟ 85 ବିଲିୟନ ଆମେରିକୀୟ ଡଲାରର ଦ୍ୱିପାକ୍ଷିକ ବାଣିଜ୍ୟ ସହିତ ଦୁଇ ଦେଶ ପରସ୍ପରର ଶୀର୍ଷ ବାଣିଜ୍ୟ ସହଯୋଗୀ ମାନଙ୍କ ମଧ୍ୟରେ ଅଛନ୍ତି । ୟୁଏଇ ମଧ୍ୟ 2022-23ରେ ପ୍ରତ୍ୟକ୍ଷ ବିଦେଶୀ ପୁଞ୍ଜିନିବେଶ ଦୃଷ୍ଟିରୁ ଭାରତର ଶ୍ରେଷ୍ଠ 4 ନିବେଶକଙ୍କ ମଧ୍ୟରେ ରହିଛି ।

7. ପ୍ରାୟ 3.5 ନିୟୁତ ଶକ୍ତିଶାଳୀ ଏବଂ ଭାଇବ୍ରାଣ୍ଟ ଭାରତୀୟ ସମ୍ପ୍ରଦାୟ ୟୁଏଇର ସର୍ବବୃହତ ପ୍ରବାସୀ ଗୋଷ୍ଠୀ ଅଟନ୍ତି । ଆୟୋଜକ ଦେଶର ବିକାଶରେ ସେମାନଙ୍କର ସକାରାତ୍ମକ ଏବଂ ପ୍ରଶଂସିତ ଅବଦାନ ୟୁଏଇ ସହିତ ଆମର ଉତ୍କୃଷ୍ଟ ଦ୍ୱିପାକ୍ଷିକ ସମ୍ପର୍କର ଏକ ଗୁରୁତ୍ୱପୂର୍ଣ୍ଣ ଆଙ୍କର୍ ହୋଇଛି ।

ନୂଆଦିଲ୍ଲୀ
ଫେବୃଆରୀ 10, 2024